# ଚିତ୍ରଲେଖା

ଆମ ଚିତ୍ର ଓ ଆମ ଲେଖା



# ଆମ ଚିତ୍ର ଓ ଆମ ଲେଖା

୨୦୧୭ ମସିହାରୁ ଭୁବନେଶ୍ୱରସ୍ଥିତ Institute for Social Development (ISD) ଓ ଆନ୍ତର୍ଜାତିକ ସ୍ତରରେ କାମ କରୁଥିବା Global Alliance Against Traffic in Women (GAATW) ତଥା Secours Catholique Caritas France (SCCF) ଙ୍କର ମିଳିତ ପ୍ରଚେଷ୍ଟାରେ ଖୋର୍ଦ୍ଧା ଜିଲ୍ଲାରେ ଥିବା ୭ଟି ଆଶ୍ରମ ବିଦ୍ୟାଳୟର ଛାତ୍ରୀନିବାସରେ କିଶୋରୀମାନଙ୍କର ସର୍ବାଙ୍ଗୀନ ବିକାଶମୁଖୀ କିଛି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି ।

ଆମ ଛାତ୍ରୀନିବାସମାନଙ୍କରେ ପାଠାଗାର ସ୍ଥାପନା ହୋଇଛି । ଆମର ପ୍ରିୟ ଦିଦିମାନଙ୍କର ସହଯୋଗରେ ଆମେମାନେ ପ୍ରତି ସପ୍ତାହରେ କିଛି ସମୟ ପାଠପଢ଼ା ବହି ବାହାରେ ଅନ୍ୟକିଛି ବହି ପଢୁଛୁ ଓ ବିଭିନ୍ନ ବିଷୟରେ ଆଲୋଚନା କରୁଛୁ । ନାଚ, ଗୀତ, ଖେଳ ଓ ଅଭିନୟ ମାଧ୍ୟମରେ ନୂଆ କଥାକୁ ବୁଝୁଛୁ ଓ ନୂଆ ପ୍ରଶ୍ନ ପଚାରିବା ଶିଖୁଛୁ । ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀଯୁକ୍ତ ମନୋଜ ନାୟକ ଓ ସମସ୍ତ ପ୍ରଧାନଶିକ୍ଷକ ମହୋଦୟଙ୍କ ସହଯୋଗିତା ଆମମାନଙ୍କୁ ପ୍ରୋତ୍ସାହିତ କରିଛି ।


୨୦୧୮ ମସିହା ଜୁଲାଇରୁ ନଭେମ୍ବର ମାସ ଭିତରେ ଆମେମାନେ ନିଜର ଅନୁଭୂତି, ସ୍ୱପ୍ନ ଓ ଚିନ୍ତାକୁ ଛୋଟ ଛୋଟ ରଚନା, କବିତା ଓ ଗଳ୍ପ ମାଧ୍ୟମରେ ପ୍ରକାଶ କରିବାକୁ ଚେଷ୍ଟା କରିଥିଲୁ । ଆମ ଲେଖାକୁ ଆଉ ଟିକେ ଭଲଭାବରେ ଦେଖାଇବା ପାଇଁ ତା ସହ ଯୋଡ଼ି ଚିତ୍ର ମଧ୍ୟ କରିଥିଲୁ । ସେଇସବୁ ଚିତ୍ର ଓ ଲେଖାକୁ ନେଇ ଚିତ୍ରଲେଖାର ପ୍ରଥମ ସଂସ୍କରଣ ଆପଣମାନଙ୍କୁ ନୂଆବର୍ଷରେ ଉପହାର ଦେଉଛୁ । ଆଶା, ଆମମାନଙ୍କର ଚିତ୍ର ଓ ଲେଖାକୁ ନେଇ ପ୍ରସ୍ତୁତ ହୋଇଥିବା ଏହି 'ଚିତ୍ରଲେଖା' ଆପଣମାନଙ୍କ ମନକୁ ଛୁଇଁବ ।

୨୦୧୮ ସରିବା ପୂର୍ବରୁ ଆମେ ଆମର କାର୍ଯ୍ୟକ୍ରମର ନୂଆ ନାଁ ଦେଇଛୁ । ଆମମାନଙ୍କ ଭିତରେ ବହୁତ ଜଣଙ୍କର ମାତୃଭାଷା ସାନ୍ତାଳି, ତେଣୁ ଏ କାର୍ଯ୍ୟକ୍ରମର ନାଁ ଦିଆଯାଇଛି 'ଗୁଲେଚି' । ସାନ୍ତାଳି ଭାଷାରେ କାଠ ଚଂପା ଫୁଲକୁ 'ଗୁଲେଚି' କୁହନ୍ତି । ସାଧାରଣ ଫୁଲଟିଏ କାଠ ଚଂପା କିନ୍ତୁ ଅସାଧାରଣ ତା'ର ସୁଗନ୍ଧ । ଆମ ସମସ୍ତଙ୍କର ଜୀବନରେ ଗୁଲେଚି ତା'ର ସୁଗନ୍ଧ ଭରିଦେଉ । ନୂଆବର୍ଷରେ ସେଇ କାମନା ସହିତ –

ଶିଆଳିଆ, ପାଇକ ଡିଗିରିଆ, ଦଲୁଆ, ଭଗବତୀପୁର, ଶିରିପୁର ଓ ତପୋବନ
ଛାତ୍ରୀନିବାସର ଝିଅ ଓ ତାଙ୍କର ସମସ୍ତ ସହଯୋଗୀମାନେ

# ସୂଚୀପତ୍ର


| | | | |
|---|---|---|---|
| ମୋ ଗାଁ ପାଇଁ ମୋର ସ୍ୱପ୍ନ | : | ଲେଖା – ଏଲିସିବା ପତ୍ରା, ଚିତ୍ର – ସ୍ନିଗ୍ଧାରାଣୀ ମଲ୍ଲିକ<br>ଶିଆଳିଆ ଆଶ୍ରମ ବିଦ୍ୟାଳୟ | ୪ |
| ମୋ ସ୍ୱପ୍ନ | : | ଲେଖା – ପୂର୍ଣ୍ଣିମା ମାର୍ଣ୍ଡି, ଚିତ୍ର – ମଂଜୁଳା ମଲ୍ଲିକ<br>ତପୋବନ ଉଚ୍ଚ ବିଦ୍ୟାଳୟ | ୫ |
| ଆମ ଗାଁ | : | ଲେଖା – ଲକିରାଣୀ ବଳିୟାରସିଂ, ଚିତ୍ର – ସବିତା ହାଂସଦା<br>ଶିରିପୁର ଆଶ୍ରମ ବିଦ୍ୟାଳୟ | ୬ |
| ନୂଆଁଖାଇ | : | ଲେଖା – ସଲ୍‌ମା ହେମ୍ବ୍ରମ୍, ଚିତ୍ର – ରେବତୀ ହୋନାଗା<br>ଭଗବତୀପୁର ଆଶ୍ରମ ବିଦ୍ୟାଳୟ | ୭ |
| ଗୋଟିଏ ଏଗାରବର୍ଷ ଝିଅର ନିଜ ଅନୁଭୂତି | : | | ୯ |
| ମୁଁ ଓ ମୋର ପରିବାର | : | ଲେଖା – ଲେମ୍ବ ପୂର୍ତ୍ତି, ସୋମୁ ବିରୁଆ ଓ ମାଳତୀ ସିଙ୍କୁ, ଚିତ୍ର – ସୋମୁ ବିରୁଆ<br>ଦଲୁଆ ଆଶ୍ରମ ବିଦ୍ୟାଳୟ | ୧୦ |
| ପରିବେଶ ସୁରକ୍ଷା ପାଇଁ ଆମେ କ'ଣ କରିବା | : | ଲେଖା – କ୍ରିଷ୍ଣା ମଲ୍ଲିକ, ଚିତ୍ର – ସୋନିଆ ପ୍ରଧାନ<br>ପାଇକ ଡିଗିରିଆ ଆଶ୍ରମ ବିଦ୍ୟାଳୟ | ୧୧ |
| ଶରତ ଆସେ | : | ଲେଖା ଓ ଚିତ୍ର – ନନ୍ଦିନୀ ପୂର୍ତ୍ତି<br>ତପୋବନ ଉଚ୍ଚବିଦ୍ୟାଳୟ | ୧୩ |
| କାମ ଓ ଶ୍ରମ | : | ଲେଖା – ମୀରା ପ୍ରଧାନ, ଚିତ୍ର – କୁସୁମଲତା ପ୍ରଧାନ<br>ପାଇକ ଡିଗିରିଆ ଆଶ୍ରମ ବିଦ୍ୟାଳୟ | ୧୪ |
| ମୁଁ କ'ଣ ସବୁ ଭଲ କରିପାରେ | : | ଲେଖା – ସାବରମଣି ମାରାଣ୍ଡି, ଚିତ୍ର – ଜସ୍ମିନ୍ ଡିରିଆ<br>ଶିରିପୁର ଆଶ୍ରମ ବିଦ୍ୟାଳୟ | ୧୬ |
| ମୋ ସ୍ୱପ୍ନର ଘର | : | ଲେଖା – ଲିପିକା ନାୟକ, ଚିତ୍ର – ଲକ୍ଷ୍ୟା ସୋରେନ<br>ଶିରିପୁର ଆଶ୍ରମ ବିଦ୍ୟାଳୟ | ୧୭ |
| ଖାଣ୍ଟି ଆଦିବାସୀ | : | ଲେଖା – ସୁନୀତା ମୁର୍ମୁ, ଚିତ୍ର – ଲିପି ଗୋଇପାଇ<br>ଦଲୁଆ ଆଶ୍ରମ ବିଦ୍ୟାଳୟ | ୧୮ |
| ମୋ ମା' ପାଇଁ ମୋର ସ୍ୱପ୍ନ | : | ଲେଖା – ଶାମୁକା ମାଝୀ, ଚିତ୍ର – ପ୍ରଜାଳି ପାଟମାଝୀ<br>ଶିଆଳିଆ ଆଶ୍ରମ ବିଦ୍ୟାଳୟ | ୧୯ |
| ମୋର ପ୍ରିୟ ପର୍ବ | : | ଲେଖା – କୁନି ମାଝୀ, ଚିତ୍ର – ପବିତ୍ରା ମଲ୍ଲିକ<br>ଭଗବତୀପୁର ଆଶ୍ରମ ବିଦ୍ୟାଳୟ | ୨୦ |
| ସୀତା ଓ ପ୍ରଜାପତି | : | ଲେଖା – ମିନାକ୍ଷୀ ବାସ୍କେ, ଚିତ୍ର – ଗୌରୀମଣି ହେମ୍ବ୍ରମ୍<br>ତପୋବନ ଉଚ୍ଚବିଦ୍ୟାଳୟ | ୨୧ |
| ମୋ ପରିବାର ପାଇଁ ମୋର ସ୍ୱପ୍ନ | : | ଲେଖା – ନିନି ପ୍ରଧାନ, ଚିତ୍ର – ରଶ୍ମିତା ସିଂ<br>ପାଇକ ଡିଗିରିଆ ଆଶ୍ରମ ବିଦ୍ୟାଳୟ | ୨୨ |




# ମୋ ଗାଁ ପାଇଁ ମୋର ସ୍ୱପ୍ନ

ଚିତ୍ର – **ସ୍ନିଗ୍ଧାରାଣୀ ମଲ୍ଲିକ**, ଲେଖା – **ଏଲିସିବା ପତ୍ରା**, ଶିଆଳିଆ ଆଶ୍ରମ ବିଦ୍ୟାଳୟ

ମୁଁ ଏଲିସିବା । ମୋ ଘର କନ୍ଧମାଳ ଜିଲ୍ଲାର କୁମ୍ଭାରୀପଦର ଗାଁରେ । ମୋ ଗାଁ ପାଇଁ ମୋର ବଡ଼ ସ୍ୱପ୍ନଟିଏ ଅଛି । ସେଇଟି ହେଲା ଗାଁରେ ଗୋଟିଏ ଡାକ୍ତରଖାନା । ଆମ ଗାଁରେ ଡାକ୍ତରଖାନା ନଥିବାରୁ ଆମ ସମସ୍ତଙ୍କର ବହୁତ ଅସୁବିଧା ହୁଏ । ଦେହ ଖରାପ ହେଲେ ବହୁତ ବାଟ ଯିବାକୁ ହୁଏ । ବୁଢ଼ାବୁଢ଼ୀ ଓ ଛୋଟ ପିଲାମାନଙ୍କୁ ଦୂରକୁ ନେବାପାଇଁ ବହୁତ କଷ୍ଟ ହୁଏ । ତେଣୁ ମୋର ସ୍ୱପ୍ନ ଯେ ଗାଁରେ ଡାକ୍ତରଖାନାଟିଏ ହୁଅନ୍ତା । ହେଲେ ଖାଲି ଡାକ୍ତରଖାନା ହେଲେ ଅସୁବିଧା ଦୂର ହେବନାହିଁ । ଆମ ଗାଁର ବହୁତ ଲୋକଙ୍କ ପାଖରେ ପଇସା ନାହିଁ । ତେଣୁ ମୋ ସ୍ୱପ୍ନର ଡାକ୍ତରଖାନାରେ ଗରୀବ ଲୋକଙ୍କୁ ମାଗଣାରେ ଚିକିତ୍ସା କରାଯିବ ଓ ଔଷଧ ମଧ୍ୟ ମିଳିବ ।

ଆଉ ଗୋଟିଏ କଥା । ଆମ ଗାଁରେ ପାଣିର ସୁବିଧା ନାହିଁ । ମୋର ସ୍ୱପ୍ନ ଯେ ଗାଁରେ ଦୁଇଟି ନଳକୂଅ ହୁଅନ୍ତା । ସେଇଠି ସମସ୍ତେ ଧାଡ଼ିକରି ଠିଆହୋଇ ପିଇବା ପାଣି ନେବେ । ଆମ ଗାଁର କିଛି ଲୋକ ପାଇଖାନା ତିଆରି କରିଛନ୍ତି, କିନ୍ତୁ ପାଣିର ସୁବିଧା ନାହିଁ । ପାଇଖାନା ପାଇଁ ପାଣିଟାଙ୍କି ନାହିଁ, ତେଣୁ ସେମାନେ ପଡ଼ିଆରେ ମଳତ୍ୟାଗ କରୁଛନ୍ତି । ମୋର ସ୍ୱପ୍ନ ଯେ ଆମ ଗାଁରେ ପାଇଖାନା ପାଇଁ ପାଣିର ସୁବିଧା ହେଉ ।

ମୋର ଶେଷ କଥା ହେଲା ଆମ ଗାଁର ରାସ୍ତା । ଆମ ଗାଁକୁ ଗାଡ଼ି ଆସୁଛି କିନ୍ତୁ ରାସ୍ତା ଭଲନାହିଁ । ମୁଁ ଚାହେଁ ଆମ ରାସ୍ତା ଚଉଡ଼ା ହେବ ଓ ପକ୍କା ରାସ୍ତା ହେବ । ଏ ସବୁ ହେଲା ମୋର ଆମ ଗାଁ ପାଇଁ ସ୍ୱପ୍ନ । ଏ ସ୍ୱପ୍ନକୁ ସତ କରିବ କିଏ ? ମୁଁ ଭାବୁଛି ମୁଁ ଏ ସ୍ୱପ୍ନରୁ କିଛି ହେଲେବି ସତ କରିପାରିବି । ମୁଁ କେବେ ବି ଭାବେନାହିଁ ଯେ ମୁଁ ଦୁର୍ବଳ । ମୁଁ ସବଳ ଓ ମୁଁ ଶକ୍ତିଶାଳୀ । ମୁଁ ଦିନେ ନା ଦିନେ ମୋ ଗାଁ ପାଇଁ କିଛି କରି ଦେଖାଇବି ।



# ମୋ ସ୍ୱପ୍ନ

ଚିତ୍ର : **ମଂଜୁଳା ମଲ୍ଲିକ,** ଲେଖା : **ପୂର୍ଣ୍ଣିମା ମାର୍ଣ୍ଡି,** ତପୋବନ ଉଚ୍ଚବିଦ୍ୟାଳୟ

ସାତ ବରଷର କୁନି ପିଲା ମୁହିଁ
ବୁଲୁଥିଲି ଉପବନେ,
ଗଛଲତା ଫୁଲ ମହୁମାଛି ଦେଖି
ଭାବୁଥିଲି ମନେମନେ
ହୋଇଥାନ୍ତି ଯଦି ଗଛଟିଏ ମୁହିଁ
କରି ମିଠା ଫଳ ଦାନ
ମହୀର ସକଳ ଜୀବଙ୍କର କ୍ଷୁଧା
କରୁଥାନ୍ତି ନିବାରଣ ।

ସୁବାସିତ ଫୁଲ ଧରି ମୋର ଦେହେ
ବିତରୁଥାନ୍ତି ସୁବାସ
ଜନମନ ମୋହି ଧନ୍ୟ ମୁଁ ହୁଅନ୍ତି
ପୁରି ଉଠନ୍ତା ମୋ ଆଶ ।
ମହୁମାଛିଟିଏ ହୋଇଥାନ୍ତି ଯେବେ
ଗୁଣୁଗୁଣୁ ଗୀତ ଗାଇ
ହରଷ ମନେ ମୁଁ ମହୁ ଆଣୁଥାନ୍ତି
ଫୁଲରୁ ଫୁଲକୁ ଯାଇ ।



# ଆମ ଗାଁ

ଚିତ୍ର : **ସବିତା ହାଂସଦା,** ଲେଖା : **ଲକିରାଣୀ ବଳିୟାରସିଂ,** ଶିରିପୁର ଆଶ୍ରମ ବିଦ୍ୟାଳୟ

ଆମ ଗାଁର ନାଁ ଓରା । ଗାଁଟି କନ୍ଧମାଳ ଜିଲ୍ଲାର କୋଟଗଡ଼ ଥାନାରେ ଅବସ୍ଥିତ । ଗାଁର ଲୋକସଂଖ୍ୟା ପ୍ରାୟ ଏକ ହଜାର । ଅଧିକାଂଶ ଲୋକ ଚାଷୀ ଓ କାରିଗର ଅଟନ୍ତି । କେତେକ ଲୋକ ପାଠ ପଢ଼ି ସହର ବଜାରରେ ଚାକିରୀ କରିଛନ୍ତି । ଚାଷ ହେଉଛି ଆମ ଗାଁ ଲୋକଙ୍କର ପ୍ରଧାନ ଜୀବିକା । ବହୁତ ଲୋକ ଧାନ ଓ ନଳିତା ଚାଷ କରନ୍ତି । ଧାନ ବିକି କିଛି ଲୋକ ବେଶ୍ ଦୁଇପଇସା ରୋଜଗାର କରନ୍ତି ।

ଆମ ଗାଁରେ ସପ୍ତାହକୁ ଥରେ ହାଟ ବସେ । ବୁଧବାର ଦିନ । ଗାଁରେ ଛ'ଟି ସବୁଦିନିଆ ଦୋକାନ ଅଛି । ଡାକ ଘର ଓ ଗୋଟିଏ ହାଇସ୍କୁଲ୍ ମଧ୍ୟ ଅଛି । ଆମ ଗାଁରେ ଦୁଇଟି ବଡ଼ ପୋଖରୀ ଅଛି । ସେଥିରେ ଖରାଦିନେ ବି ପାଣି ରହେ ।

ଆମ ଗାଁରେ ବହୁତ ପର୍ବପର୍ବାଣୀ ପାଳନ ହୁଏ । ଦଶହରା ଓ ଦୋଳ ବହୁତ ଜାକଜମକରେ ପାଳନ କରାଯାଏ । ପ୍ରତିବର୍ଷ ଫଗୁଣମାସରେ ପାଲା ହୁଏ । ଓଡ଼ିଶାର ବଡ଼ବଡ଼ ପାଲାଗାୟକମାନେ ନିମନ୍ତ୍ରିତ ହୋଇ ଆମ ଗାଁକୁ ଆସନ୍ତି ।

ଆମ ଗାଁଟି ମତେ ବହୁତ ଭଲ ଲାଗେ । ଆମର ନିୟମ ଓ ପରଂପରା ମଧ୍ୟ ମତେ ଭଲ ଲାଗେ । ଗାଁର ପାଣି ପବନରେ ମୋ ଦେହ ଗଢ଼ା । ଆଶା ମୁଁ ବଡ଼ ହୋଇ ମୋ ଗାଁ ପାଇଁ କଛି କରିପାରିବି ।



# ନୂଆଁ ଖାଇ

ଚିତ୍ର : **ରେବତୀ ହୋନାଗା,** ଲେଖା : **ସଲ୍‌ମା ହେମ୍ବ୍ରମ୍,** ଭଗବତୀପୁର ଆଶ୍ରମ ବିଦ୍ୟାଳୟ

ବରଷକେ ଥରେ ପରବ ଆସିଛି
ନୂଆଁଖାଇ ନା ନେଇ
ପରିବାର ଆଉ ସାଙ୍ଗସାଥୀ ମିଶି
ପାଳିବା ଆନନ୍ଦ ହୋଇ
ନୂଆଁ ଖାଇ ସାରି ଯେତେ ସବୁ ସାନ
ଜୁହାରିବେ ବଡ଼ମାନ
ଭୋଗ ଲାଗି କରି ସନ୍ତାନ ତାହାର
ମଣିବ ନିଜକୁ ଧନ୍ୟ

ଘରର ମୁଖିଆ କୁରେଇ ପତ୍ରରେ
କରିବେ ଅନ୍ନଦାନ
ନାଚ ଗୀତ ବାଜାରେ ସମସ୍ତେ
ହୋଇବେ ଖୁସୀମନ
ନୂଆ ବରଷ ପୁରୁଣା ହେବ
ପୁଣି ନୂଆ ବରଷ ଆସିବ ।



# ଗୋଟିଏ ଏଗାର ବର୍ଷର ଝିଅର ନିଜ ଅନୁଭୂତି

(ଏଇ ଲେଖାଟି ଖୁବ୍ ସମ୍ବେଦନଶୀଳ ହୋଇଥିବାରୁ ଲେଖିକା ଏବଂ ଚିତ୍ର ଆଙ୍କିଥିବା ଝିଅ ଦୁଇଜଣଙ୍କର ପରିଚୟ ଗୋପନ ରଖାଯାଇଛି)

ମୁଁ ମୋ ଜୀବନରେ ଘଟିଥିବା କିଛି ଘଟଣା ଆପଣମାନଙ୍କୁ କହିବି। ମୋ ନାଁ ଲେଖୁନାହିଁ, କେବଳ ଏତିକି ଜାଣନ୍ତୁ ଯେ ମୁଁ ଗୋଟିଏ ଆଶ୍ରମ ବିଦ୍ୟାଳୟର ସପ୍ତମ ଶ୍ରେଣୀର ଛାତ୍ରୀ। ଏଇ ଅନୁଭୂତି ମୁଁ ଏ ପର୍ଯ୍ୟନ୍ତ କାହାକୁ କହିନାହିଁ। ଆଜି Good Touch ଓ Bad Touch ବିଷୟରେ ଆଲୋଚନା ହେଲାବେଳେ ମୋର ପୁଣିଥରେ ଏସବୁ କଥା ମନେପଡ଼ିଲା। ମୁଁ ଭାବିଲି ସାହସ୍ କରି ମୋ ଅନୁଭୂତିକୁ ଲେଖିବି। ଲେଖିବା ଦ୍ୱାରା ସେ କଥାସବୁ ମୋ ଭିତରୁ ବାହାରି ଆସିବ। ତା' ସହିତ ମୋର ଡର, ଭୟ ଓ ଲଜ୍ଜା ମଧ୍ୟ ବାହାରି ଯିବ। ଆଶା କରୁଛି ଭବିଷ୍ୟତରେ ଏଇ ଭଳି କିଛି ଘଟଣା ଘଟିଲେ ମୁଁ ତାକୁ ସାଙ୍ଗେସାଙ୍ଗେ ମୁକାବିଲା କରିବାକୁ ସାହସ ପାଇବି।

**ପ୍ରଥମ ଘଟଣା :** କିଛିବର୍ଷ ତଳର କଥା। ମୁଁ ଘରେ ଥିଲି। ଆମ ଘରୁ ଜଣେ ଲୋକ କିଛି କୁଣ୍ଡା ନେଇଥିଲେ। ମୋ ମା' ମତେ ତାଙ୍କ ଘରକୁ ପଠାଇଲେ ପଇସା ଆଣିବା ପାଇଁ। ମୁଁ ସେମାନଙ୍କୁ ଭାଇନା ଓ ଭାଉଜ ଡାକେ। ମୁଁ ଗଲାବେଳେ ସେ ଦୁଇଜଣ ଘରେଥିଲେ। ଭାଉଜ ମତେ ପଇସା ଦେଲେ। ମୁଁ ପଳାଇ ଆସୁଥିଲି କିନ୍ତୁ ଭାଇନା କହିଲେ ଯେ ତାଙ୍କର କିଛି ସାହାଯ୍ୟ ଦରକାର। ସେ ତାଙ୍କର Beltଟି ଉପର ଥାକରେ ରଖିଥିଲେ କିନ୍ତୁ ତାଙ୍କର ହାତ ପାଉନଥିଲା। ତେଣୁ ସେ କହିଲେ ଯେ ସେ ମୋତେ ଟେକି ଧରିବେ ଆଉ ମୁଁ Beltଟି ଆଣିଦେବି। ତା'ପରେ ସେ ମତେ କାଖକୁ ଧରି ଉପରକୁ ଟେକିଲେ ଯେମିତି ବାପା, ମା'ମାନେ ଗେଲରେ ଛୁଆମାନଙ୍କୁ କାଖ ଧରି ଟେକନ୍ତି। ଧରିଲାବେଳକୁ ସେ ମୋର ଦୁଇ ସ୍ତନକୁ ଦୁଇ ହାତରେ ଧରି ଜୋରରେ ଚିପିଦେଲେ। ମୋର ଗୋଡ଼ ହାତ ସବୁ ଥରିଲା। ମତେ ବହୁତ ଡର ଲାଗିଲା ଓ ବହୁତ ଖରାପ ଲାଗିଲା। ମୁଁ ଦଉଡ଼ି ଦଉଡ଼ି ଆମ ଘରକୁ ଆସିଲି କିନ୍ତୁ କାହାକୁ କିଛି କହିଲି ନାହିଁ। ବହୁତ ସମୟ ପର୍ଯ୍ୟନ୍ତ ବାରମ୍ବାର ସେଇ ଗୋଟିଏ କଥା ମନେପଡ଼ିଲା, ମୋ ଦେହ ଖାଲି ଝିମ୍‌ଝିମ୍ ହେଲା। ସେଇଦିନଠାରୁ ଭାଇନାକୁ ଦେଖିଲେ ମୋତେ ଡରଲାଗିଲା। ଏବେ ମତେ ଡର ଲାଗୁନାହିଁ କିନ୍ତୁ ତାଙ୍କୁ ଦେଖିଲେ ମୋତେ ଘୃଣା ଲାଗେ। ଏବେ ଯଦି କେହି ସେଭଳି କିଛି କରେ ମୁଁ ସାଙ୍ଗେସାଙ୍ଗେ ପାଟି କରି ଗାଳି କରିବି। ମୁଁ ଭାବୁଛି ଏବେ ମୋର ବେଶି ସାହସ ଅଛି।

**ଦ୍ୱିତୀୟ ଘଟଣା –** କିଛିଦିନ ତଳେ ଆମଘରକୁ ମୋ ଭାଇଙ୍କର ଜଣେ ସାଙ୍ଗ ଆସିଥିଲେ। ମୋ ଭାଇ ତାଙ୍କୁ ବହୁତ ଭଲ ପାଆନ୍ତି। ସେ ଭଲ ପଢ଼ନ୍ତି ଓ ଆମ ଘରେ ସମସ୍ତେ ତାଙ୍କୁ ବହୁତ ଭଲ ବୋଲି କହିଲେ। ମତେ କିନ୍ତୁ ତାଙ୍କର ଗୋଟିଏ କଥା ଜମା ଭଲଲାଗିଲା ନାହିଁ। ସେ ତାଙ୍କ ଗାଁକୁ ଗଲାବେଳେ ମତେ ଆଖିମାରିଦେଇ ଯେମିତି ଅନେଇଲେ ମତେ ବହୁତ ଖରାପ ଲାଗିଲା। କିନ୍ତୁ ମୁଁ ଆମ ଘରେ କି ମୋ ସାଙ୍ଗମାନଙ୍କୁ ଏ ବିଷୟରେ କିଛି କହିଲି ନାହିଁ।

**ତୃତୀୟ ଘଟଣା –** ମୁଁ ଥରେ ଗାଁରୁ ହଷ୍ଟେଲକୁ ଫେରିଲାବେଳେ ଗାଡ଼ିରେ ଜଣେ ପୁରୁଷ ଲୋକ ମୋ ପାଖରେ ବସିଥିଲେ। ସେ ବାରମ୍ବାର ମୋ ଜଙ୍ଘକୁ ଛୁଇଁଦେଉଥିଲେ। ମୁଁ ଯେତେ ମୋ ଫ୍ରକ୍‌କୁ ଜୋରରେ ଧରି ବସିଲେ ବି ତାଙ୍କ ହାତ ସବୁବେଳେ ମୋ ଦେହରେ ବାଜୁଥାଏ। ଗାଡ଼ିରେ ଲୋକ ଭିଡ଼। ମୁଁ ଚାହୁଁଥିଲି ପାଟି କରିବା ପାଇଁ କିନ୍ତୁ କରିପାରୁ ନଥିଲି। ମୋ ପାଟି ଖାଲି ଅଠା ଅଠା ହୋଇଯାଉଥାଏ। ଏଭଳି ଘଟଣା ମୁଁ ମୋ ସାଙ୍ଗମାନଙ୍କଠାରୁ ମଧ୍ୟ ଶୁଣିଛି। ମୁଁ ମୋ କଥା ସେମାନଙ୍କୁ କହିଛି।

ଆଜି ଆମେ ସମସ୍ତେ ଆମର ପାଠାଗାର କ୍ଲାସରେ ଏ ବିଷୟରେ ବହୁତ ଆଲୋଚନା କଲୁ। ମୁଁ ଜାଣିଲି ଯେ କେବଳ ମୋ ଜୀବନରେ ନୁହେଁ ଅନ୍ୟ ବହୁତ ଝିଅମାନଙ୍କର ମଧ୍ୟ ଏଭଳି ଅନୁଭୂତି ଅଛି। ଆମେ ସମସ୍ତେ ଠିକ୍ କଲୁ ଯେ ଆମେ ଏସବୁ ଘଟଣାର ସାମ୍ନା କରିବା ଉଚିତ୍। କିନ୍ତୁ କେମିତି ? କାହିଁକି ପୁଅମାନେ ଏଭଳି ଖରାପ ବ୍ୟବହାର କରନ୍ତି ? କେମିତି ମୋର ସାହସ ବଢ଼ିବ ଯେ ମୁଁ ଏସବୁର ମୁକାବିଲା କରିପାରିବି ?



# ମା'

ଚିତ୍ର : **ସୋମୁ ବିରୁଆ,** ଲେଖା : **ଲେମ୍ୟ ପୂର୍ତ୍ତି,** ଦଲୁଆ ଆଶ୍ରମ ବିଦ୍ୟାଳୟ

ମା' ଯାହା ବି ତିଆରି କରିଥାନ୍ତୁ ତାକୁ ଖୁସିରେ ଖାଇବା ଉଚିତ୍ । କାରଣ ବହୁତ ପିଲାଙ୍କ ଭାଗ୍ୟରେ ମା'ର ହାତରନ୍ଧା ସବୁବେଳେ ନଥାଏ ।

# ବାପା

ଚିତ୍ର : **ସୋମୁ ବିରୁଆ,** ଲେଖା : **ମାଳତୀ ସିଙ୍କୁ,** ଦଲୁଆ ଆଶ୍ରମ ବିଦ୍ୟାଳୟ

ମୋ ଆଖିରେ ଦୁନିଆର ସବୁଠୁଁ ଧନୀ ମଣିଷ ହେଲେ ମୋ ବାପା । କାରଣ ସେ ଏଭଳି ଏକ ମଣିଷ ତାଙ୍କ ହାତ ଖାଲି ଥିଲେ ମଧ୍ୟ ସେ ମୋର ସବୁ ଇଚ୍ଛା ପୂରଣ କରନ୍ତି ।

# ଭାଇ

ଚିତ୍ର ଓ ଲେଖା : **ସୋମୁ ବିରୁଆ,** ଦଲୁଆ ଆଶ୍ରମ ବିଦ୍ୟାଳୟ

ଦୁନିଆରେ ମୋର ସବୁଠୁଁ ବଡ଼ ସାହାରା ମୋ ଭାଇ । ଯେତେବେଳେ କିଛି ଅସୁବିଧା ଆସେ ମୋ ମନ ପ୍ରଥମେ ମୋ ଭାଇକୁ ହିଁ ଖୋଜେ ।



# ପରିବେଶ ସୁରକ୍ଷା ପାଇଁ ଆମେ କ'ଣ କରିପାରିବା ?

ଚିତ୍ର : **ସୋନିଆ ପ୍ରଧାନ**, ଲେଖା : **କ୍ରିଷ୍ଣା ମଲ୍ଲିକ**, ପାଇକ ତିଗିରିଆ ଆଶ୍ରମ ବିଦ୍ୟାଳୟ

ଆମ ପରିବେଶର ସୁରକ୍ଷା କରିବା ଆମର ଦାୟିତ୍ୱ । ଯଦି କେହି ପରିବେଶକୁ ଦୂଷିତ କରୁଥାଏ, ସେ ବିଷୟରେ ସେମାନଙ୍କୁ ସଚେତନ କରିବା ମଧ୍ୟ ଆମର କର୍ତ୍ତବ୍ୟ ।

ଗଛ ଆମର ଅନେକ ଉପକାର କରେ । ଆମକୁ ଖାଦ୍ୟ ଯୋଗାଏ, ଫୁଲ ଦ୍ୱାରା ଆମ ଚାରିପାଖର ସୁନ୍ଦରତା ବଢ଼ାଏ ଏବଂ ଆମକୁ ଅମ୍ଳଜାନ ମଧ୍ୟ ଯୋଗାଏ । ଆମେ ଯଦି ଗଛ ସବୁ କାଟିଦେବା ଓ ନୂଆଗଛ ନ ଲଗାଇବା ତାହାଲେ ଆମ ପରିବେଶ ସୁସ୍ଥ ରହିବ ନାହିଁ । ଗଛ ନଥିଲେ ଗରମ ବଢ଼ିବ ।

ଆମେ ଅଳିଆ ଆବର୍ଜନା ଏଣେତେଣେ ପକାଇବା ଠିକ୍ ନୁହେଁ । ସବୁଆଡ଼େ ଅଳିଆ ଓ ପଚାଜିନିଷ ପଡ଼ିଲେ ମାଛି ଓ ମଶା ବଢ଼ିବେ । ତଦ୍ୱାରା ରୋଗ ବଢ଼ିବ । ସବୁଆଡ଼ ସଫାଥିଲେ ଆମ ଦେହ ଓ ମନ ମଧ୍ୟ ସୁସ୍ଥ ରହିବ ।

ପ୍ଲାଷ୍ଟିକ୍ ଆମର ବହୁତ କାମରେ ଆସେ । ଆମେ ବ୍ୟବହାର କରୁଥିବା ବହୁତ ଜିନିଷ ପ୍ଲାଷ୍ଟିକରେ ତିଆରି, କିନ୍ତୁ ବ୍ୟବହାର କରିସାରିବା ପରେ ଏଣେତେଣେ ଜରି, ପଲିଥିନ ଓ ପ୍ଲାଷ୍ଟିକ ପକାଇବା ଫଳରେ ଆମେ ପରିବେଶରେ ସମସ୍ୟା ସୃଷ୍ଟି କରୁ । ଆବଶ୍ୟକତା ଠାରୁ ଅଧିକ ପ୍ଲାଷ୍ଟିକ୍ ବ୍ୟବହାର କରିବା ଠିକ୍ ନୁହେଁ । ଆମେ କପଡ଼ା ବ୍ୟାଗ ତିଆରି କରି ବ୍ୟବହାର କରିପାରିବା । ଜରି ଓ ପଲିଥିନ୍ ବଦଳରେ କାଗଜ ଠୁଙ୍ଗା ବ୍ୟବହାର କରିବା ଦରକାର ।



# ଶରତ ଆସେ

ଚିତ୍ର ଓ ଲେଖା : **ନନ୍ଦିନୀ ପୂର୍ତ୍ତୀ**, ତପୋବନ ଉଚ୍ଚବିଦ୍ୟାଳୟ

ବରଷା ପରେ ଶରତ ଆସେ
ହସେ ମରତ ଭୂଇଁ ।
ଚଅଁର ଢ଼ାଳେ ପଠାରେ 'କାଶ'
ସବୁରି ମନ ଛୁଇଁ ।
ଦୂର ପାହାଡ଼ ନେଳିଆ ଦିଶେ
ସବୁଜ କ୍ଷେତ ଶୋଭା
ଶରତ କାଳ ଭାରି ବଢ଼ିଆ
ସବୁରି ମନ ଲୋଭା ।
ନୀଳ ଗଗନେ ତାରକା ମେଳେ
ଜୋଛନା ଢ଼ାଳେ ଜହ୍ନ
କୁରୁଳି ଉଠେ ମନ ।
ଗାଆଁ ଗୋହିରି ଶୁଖି ଗଲାଣି
ଭୋଦେଇ ଖରା ପଡ଼ି,
ଟାଣ ଖରାରେ ଗଙ୍ଗଶିଉଳି
ରୂପ ଗଲାଣି ଝଡ଼ି ।
ଶାଗୁଆ କ୍ଷେତେ ଲହଡ଼ି ଭାଙ୍ଗେ
ସୁଲୁସୁଲିଆ ବାଆ,
ବୁହାଇ ଝାଳ ଖଟିଚି ଚାଷୀ
ଲକ୍ଷ୍ମୀ ମାଆ ସାହା ।
ନଈ ରଖିଲା ମାଟିଆ ପାଟ
ପିନ୍ଧିଲା ନୀଳ ଶାଢ଼ୀ,
ଖୋଲା ଆକାଶ ଶୋଭା ଦେଖିଲା
ଆଇନା ତା'ର କାଢ଼ି ।
ଶିଖେଇ ଦିଏ ଶରତ ଋତୁ
ବିମଳ କର ମନ,
ମନଟି ଯାର ସଫା ସୁତୁରା
ଧରାରେ ସିଏ ଧନ୍ୟ ।



# କାମ ଓ ଶ୍ରମ

ଚିତ୍ର : **କୁସୁମଲତା ପ୍ରଧାନ**, ଲେଖା : **ମୀରା ପ୍ରଧାନ**, ପାଇକ ତିଗିରିଆ ଆଶ୍ରମ ସ୍କୁଲ

କାମ ଓ ଶ୍ରମ ଏ ଦୁଇଟି ଶବ୍ଦର ଅର୍ଥ ପ୍ରାୟ ଏକା ପରି । ଆମେ ସମସ୍ତେ କାମ କରୁ । ଯେମିତିକି ନିଜ କାମ କରିବା ଓ ଘରର କାମ କରିବା । କେତେକ କାମ ଆମେ ଘରେ କଲେ ତାର କିଛି ପାରିଶ୍ରମିକ ମିଳେନାହିଁ କିନ୍ତୁ ଅନ୍ୟ କାହା ଘରେ ସେ କାମ କଲେ ଦରମା ମିଳେ । ଯେମିତି ଘର ଓଳାଇବା, ବାସନ ମାଜିବା ଓ ରୋଷେଇ କରିବା ଇତ୍ୟାଦି । ମୁଁ ବହୁତ ଲୋକଙ୍କୁ ଜାଣିଛି ଯେଉଁମାନେ ଘରେ ଓ ବାହାରେ କାମ କରନ୍ତି । ବାହାରେ କାମ କରି ପଇସା ରୋଜଗାର କରନ୍ତି ଓ ଘର କାମ କରି ପରିବାରର ଯତ୍ନ ନିଅନ୍ତି । ମୁଁ ଭାବେ ଆମେ ସମସ୍ତେ ଘରେ ଓ ବାହାରେ କାମ କରିବା ଦରକାର । ପରିବାରର ସମସ୍ତେ ଯଦି କିଛି କିଛି କାମ ଭାଗ ବାଣ୍ଟି କରନ୍ତି ତା' ହେଲେ ପରିବାର ଭଲରେ ଚଳେ ।

ମୁଁ ଦେଖିଛି କିଛି ଲୋକ ବହୁତ ପରିଶ୍ରମ କରନ୍ତି କିନ୍ତୁ ବେଶି ରୋଜଗାର କରିପାରନ୍ତି ନାହିଁ । ସେମାନେ ନିଜ ଘର କାମ ପିଲାଙ୍କ ହାତରେ ଦେଇ ତରବରରେ ଘରୁ ବାହାରି ଯାଆନ୍ତି ଅନ୍ୟ କେଉଁଠି କାମ କରିବା ପାଇଁ । କିନ୍ତୁ ସେମାନଙ୍କର ରୋଜଗାର ତାଙ୍କ ଘର ଚଳେଇବା ପାଇଁ ଯଥେଷ୍ଟ ହୋଇନଥାଏ । ସେମାନେ ପରିବା ଚାଷ କରନ୍ତି, ଖଲି ସିଲେଇ କରନ୍ତି, ଜଳଖିଆ ଦୋକାନରେ କାମ କରନ୍ତି, ଅନ୍ୟର ହଳ କରି ଦିଅନ୍ତି, କାହା ଘର ଲିପା ପୋଛା କରିଦିଅନ୍ତି ଏବଂ ସବୁବେଳେ ବ୍ୟସ୍ତ ଥାଆନ୍ତି । ଯେଉଁମାନେ ବେଶି ପାଠପଢ଼ି ଚାକିରୀ କରନ୍ତି ସେମାନେ ବେଶି ଦରମା ପାଆନ୍ତି । ମୁଁ ଭାବୁଚି ମୁଁ ବହୁତ ପାଠ ପଢ଼ି ବଡ଼ ଚାକିରୀ କରି ମୋ ପରିବାରର ଯତ୍ନ ନେବି ।



ଚିତ୍ର : **ଜସ୍ମିନ୍ ତିରିଆ**, ଶିରିପୁର ଆଶ୍ରମ ବିଦ୍ୟାଳୟ

# ମୁଁ କ'ଣ ସବୁ ଭଲ କରିପାରେ

ଲେଖା : **ସାବରମଣି ମାରାଣ୍ଡି,** ଶିରିପୁର ଆଶ୍ରମ ବିଦ୍ୟାଳୟ

- ମୁଁ ଭଲ ନାଚିପାରେ ଓ ଭଲ ଗୀତ ଗାଇପାରେ ।
- ମୁଁ ଭଲ ପାଠ ପଢ଼େ ଓ ସବୁ ପ୍ରକାର ପ୍ରତିଯୋଗିତାରେ ମିଶିବାକୁ ଆଗ୍ରହ ଦେଖାଏ ।
- ମୁଁ ଭଲ ଖେଳେ ଓ ଭଲ ଝାଡୁ କରିପାରେ ।
- ମୁଁ ଭଲ ଚିତ୍ର କରିପାରେ ଓ ଝୋଟି ପକାଇ ପାରେ ।
- ମୁଁ ଗଣିତରେ ବହୁତ ଭଲ । ମୁଁ ଭଲକରି ଶାଢ଼ୀ ବି ପିନ୍ଧାଇ ପାରେ ।
- ମୁଁ ଭଲ ସେଲ୍‌ଫି ଉଠାଇ ପାରେ, ଭଲ ମଜା ବି କରେ ।
- ମୁଁ ମୋର ସାନ ଭାଇ ଭଉଣୀମାନଙ୍କୁ ପାଠ ପଢ଼ାଇପାରେ, ଭଲ ଚିକେନ୍ ତରକାରୀ ବି କରିପାରେ ।
- କାହାର ଦେହ ଖରାପ ହୋଇଥିଲେ ମୁଁ ଭଲ ସେବା କରିପାରେ, ଭଲ ଭାବରେ ମୁଣ୍ଡ ବି କୁଣ୍ଡାଇପାରେ ।
- ମୁଁ ଲୁଗାପଟା, କନ୍ଥା ଭଲଭାବେ ସଫା କରିପାରେ, ଭଲ ଡ୍ରାମା ବି କରିପାରେ ।
- ମୁଁ ପ୍ରାୟ ସବୁ ଜିନିଷ ଭଲ କରିପାରେ, ଯାହା କଲେ ବି ଭଲ ଭାବେ କରିବାକୁ ଚେଷ୍ଟା କରେ ।




# ମୋ ସ୍ୱପ୍ନର ଘର

ଚିତ୍ର : **ଲକ୍ଷ୍ୟା ସୋରେନ**, ଲେଖା : **ଲିପିକା ନାୟକ**, ଶିରିପୁର ଆଶ୍ରମ ବିଦ୍ୟାଳୟ

ମୋ ସ୍ୱପ୍ନର ଘର ଗୋଟିଏ ଛୋଟ କୁଡ଼ିଆ । ମାଟିର ଘରଟିଏ କିନ୍ତୁ ସେ ଘର ବାତ୍ୟା ଆସିଲେ ବି ଭାଙ୍ଗିଯାଏ ନାହିଁ । ସେ ଘର ଝୁଲଣା ଭଳି ଝୁଲୁଥାଏ କିନ୍ତୁ ପଡ଼ିଯାଏ ନାହିଁ । ମୋ ଘରେ ବିଜୁଳି ଆଲୁଅ ନୁହେଁ, ଜହ୍ନ ଆଲୁଅ ଥାଏ ।

ମୋ ସ୍ୱପ୍ନର ଘର ପାଖରେ ବଡ଼ ପୋଖରୀଟିଏ ଅଛି । ତାର ଶଂଖ ମଲମଲ ପାଣିରେ କଇଁଫୁଲ ଭର୍ତ୍ତି । ସେ ପୋଖରୀରେ ପାହାଚ ଅଛି, ମୁଁ ସବୁଦିନ ସେଇ ପୋଖରୀରେ ଗାଧାଏ ।

ମୋ ସ୍ୱପ୍ନର ଘର ପାଖରେ ଗୋଟିଏ ଚିକିତ୍ସାଳୟ ଓ ଔଷଧ ଦୋକାନ ଅଛି । ସେଇ ସ୍ୱପ୍ନର ଡାକ୍ତରଖାନାରେ ଡାକ୍ତର ମୋ ବାପା । ସେଠାରେ ମାଗଣାରେ ଚିକିତ୍ସା କରାଯାଏ ।

ମୋ ସ୍ୱପ୍ନର ଘର ପାଖରେ ପରିବା ବଗିଚାଟିଏ ଅଛି । ସେଥିରେ ହେଉଥିବା ପରିବା ବିକ୍ରି କରନ୍ତି ମୋ ଜେଜେବାପା । ମୋ ସ୍ୱପ୍ନରେ ମୋ ମା' ଜଣେ ବିଖ୍ୟାତ ଗାୟିକା । ଆଉ ମୋ ଭାଇ ଜଣେ ଭଲ ଛାତ୍ର ।

ମୁଁ ଏମିତି ବହୁତ ସ୍ୱପ୍ନ ଦେଖିବାକୁ ଭଲପାଏ ।



# ଖାଣ୍ଟି ଆଦିବାସୀ

ଚିତ୍ର : **ଲିପି ଗୋଇପାଇ**, ଲେଖା : **ସୁନୀତା ମୁର୍ମୁ**, ଦଳୁଆ ଆଶ୍ରମ ବିଦ୍ୟାଳୟ

ମୁଁ ହେଲି ଖାଣ୍ଟି ଆଦିବାସୀ
ସବୁବେଳେ ଥାଏ ଦୃଢ଼ବିଶ୍ୱାସୀ
ମୟୁରଭଞ୍ଜ ଜିଲ୍ଲା ମୋ ଜନ୍ମମାଟି
ଭୁଲିବି ନାହିଁ କେବେ ତା ନାଆଁଟି
ଆମ ଗ୍ରାମବାସୀ ବଡ଼ ସାହାସୀ
ଆମେ ନୁହେଁ ଭାଇ ଅନ୍ଧବିଶ୍ୱାସୀ

ମାଟିରେ ଗଢ଼ା ଆମର ଘର
କାହାକୁ ଆମେ ନଭାବୁ ପର
ପଖାଳ ଭାତ ଭାରି ବଢ଼ିଆ
ଆଦିବାସୀକୁ କରେ ବଳୁଆ ।



# ମୋ ମା' ପାଇଁ ମୋର ସ୍ୱପ୍ନ

ଚିତ୍ର : **ପ୍ରଜାଳି ପାଟମାଝୀ** : ଲେଖା : **ଶାମୁକା ମାଝୀ,** ଶିଆଳିଆ ଆଶ୍ରମ ବିଦ୍ୟାଳୟ

ସବୁ ମଣିଷ ନିଜ ପାଇଁ ଓ ନିଜ ପରିବାର ପାଇଁ କିଛି ନା କିଛି ସ୍ୱପ୍ନ ଦେଖିଥାଆନ୍ତି । ସମସ୍ତେ ଚାହାନ୍ତି ଯେ ସେମାନେ ନିଜେ ଓ ତାଙ୍କ ପରିବାରର ସବୁଲୋକ ଭଲରେ ରୁହନ୍ତୁ । ମୋର ସବୁଠାରୁ ବଡ଼ ସ୍ୱପ୍ନ ହେଲା ମୋ ମା' ପାଇଁ ।

ମୋ ମା'ର ଦେହ ବହୁତ ଖରାପ । ତାର କେବେ ମୁଣ୍ଡ ବଥାଏ, କେବେ ଛାତି ବଥାଏ, ଆଉ କେବେ କେବେ ସେ ଜମା ଉଠିପାରେ ନାହିଁ । ସମସ୍ତେ କହନ୍ତି ସେ ଧିରେଧିରେ ପାଗଳ ହୋଇଯାଉଛି । ବହୁତ ସମୟରେ ସେ ଜାଣିପାରୁନି ଯେ ସେ କ'ଣ କରୁଛି କି କ'ଣ କହୁଛି ।

ଏବେ ଆମ ଘରେ ମା' ଏକୁଟିଆ ରହେ । ଭାଇ, ନାନୀ ଆଉ ମୁଁ ବାହାରେ ରହି ପାଠ ପଢୁଛୁ । ମା' କାମ ପାଇଁ ବଣକୁ ଯାଏ । ଅନ୍ୟଘରେ କାମ କରି ପଇସା ଆଣି ଆମକୁ ଦିଏ । କହେ ''ନିଅ, ଏଇ ପଇସାରେ ବହି, ଖାତା କିଣ ।'' ପଇସା କୋଉଠୁ ଆଣିଲୁ ବୋଲି ପଚାରିଲେ କହେ, "ମୁଁ ମୂଲ ଲାଗିବାକୁ ଯାଇଥିଲି ।'' ଆମେ ଭାଇ, ଭଉଣୀ ତାକୁ ମନାକରୁ ଏତେ କଷ୍ଟ କରିବା ପାଇଁ । ନିଜ ଦେହ ଭଲ ନଥିଲେ ବି ସେ ଏତେ ପରିଶ୍ରମ କରେ ତେଣୁ ଆମକୁ ଖରାପ ଲାଗେ । ମା' କିନ୍ତୁ କହେ, "ଝିଅ, ତୁମେମାନେ ମୋ ଲାଗି ଚିନ୍ତା କରନାହିଁ । ତୁମେ ସବୁ ପାଠରେ ମନ ଦିଅ, ମୁଁ ବଞ୍ଚିଥିବା ଯାଏ କଷ୍ଟ କରି ତୁମମାନଙ୍କୁ ପାଠ ପଢ଼ାଇବି । ତୁମେମାନେ ଚାକିରୀ କଲେ ଆମେ ସମସ୍ତେ ଭଲରେ ରହିବା ।''

ମା'ର ଏକଥାରୁ ମୁଁ ବୁଝିପାରେ ଆମ ଘରେ ବହୁତ ଅସୁବିଧା । ତା' ଦେହ ଭଲ ନଥିଲେ ବି ସେ କାମ ନକଲେ ନ ଚଳେ । ମୁଁ ଭଲ ପାଠ ପଢ଼ି ଜଣେ ଶିକ୍ଷୟିତ୍ରୀ ହେବାକୁ ଚାହେଁ । ଯଦି ମୁଁ ଚାକିରୀ ପାଇବି ନାହିଁ ତା' ହେଲେ ଟିଉସନ୍ କରି ପଇସା ରୋଜଗାର କରିବି । ସେଇ ପଇସାରେ ମା' ପାଇଁ ଭଲ ଔଷଧ କିଣିଦେବି । ମା'ର ଦେହ ଖରାପ ପାଇଁ ଆମ ଘରେ ଖୁସୀ ନାହିଁ । ମା' ଭଲ ହୋଇଗଲେ ସମସ୍ତଙ୍କୁ ଖୁସୀ ଲାଗିବ । ମୁଁ ମା'କୁ ଦୁଃଖ ଦେଲା ଭଳି କିଛି କାମ କେବେ ମଧ୍ୟ କରିବି ନାହିଁ । ମୁଁ ଚାକିରୀ କଲେ ମୋ ମା'କୁ ଆଉ ଏତେ ପରିଶ୍ରମ କରିବାକୁ ପଡ଼ିବ ନାହିଁ । ମା' ହସିଲେ ଆମ ଘର ହସିବ । ମୋର ଏଇ ସ୍ୱପ୍ନ ଦିନେ ନିଶ୍ଚୟ ସତ ହେବ ।



# ମୋର ପ୍ରିୟ ପର୍ବ

ଚିତ୍ର : **ପବିତ୍ରା ମଲ୍ଲିକ**, ଲେଖା : **କୁନି ମାଝୀ**, ଭଗବତୀପୁର ଆଶ୍ରମ ବିଦ୍ୟାଳୟ

ମୋର ପ୍ରିୟ ପର୍ବ ହେଲା ମକର ସଂକ୍ରାନ୍ତି । ଏଇ ପର୍ବଟି ଜାନୁୟାରୀ ମାସରେ ପଡ଼େ । ଆଦିବାସୀମାନେ ଏଇ ପର୍ବଟିକୁ ଖୁବ୍ ଧୁମ୍‌ଧାମ୍‌ରେ ପାଳନ କରିଥାଆନ୍ତି ।

ମକର ପୂର୍ବରୁ ଘର ଦ୍ୱାର ଲିପା ପୋଛା ହୋଇଥାଏ । ବିଭିନ୍ନ ରଙ୍ଗରେ ଘର ଭିତରେ ଓ ବାହାରେ ଚିତ୍ର କରାଯାଇଥାଏ । ଘର ଚାରିପାଖ ଓ ଲୁଗାପଟା ସବୁ ସଫା କରାଯାଇଥାଏ । ପର୍ବ ପାଇଁ ସମସ୍ତଙ୍କ ଲାଗି ନୂଆ ଲୁଗା କିଣା ହୋଇଥାଏ । ପନିପରିବା, ତେଲ, ଅଟା, ଗୁଡ଼, ଚୂଡ଼ା, ମୁଢ଼ି ଇତ୍ୟାଦି କିଣିକରି ରଖା ହୋଇଥାଏ । ମକର ଦିନ ସମସ୍ତଙ୍କ ଘରେ ହାଣ୍ଡିଆ ହୋଇଥାଏ ଓ ମାଂସ ତରକାରୀ ରନ୍ଧା ହୋଇଥାଏ । ସେ ଦିନ ମା' ଓ ବଡ଼ ଦିଦିମାନେ ଭୋର ସକାଳୁ ଉଠି ଘର ଓଳାଓଳିକରି ଗାଧୋଇ ଯାଆନ୍ତି । ଗାଧୋଇ ସାରି ଘରକୁ ଫେରି ପିଠା ପଣା ତିଆରି କରନ୍ତି । ଆରିଷା, କାକରା, ପତ୍ର ପିଠା, ଗୁଡ଼ ପିଠା ଓ ମାଂସ ପିଠା ମଧ୍ୟ ତିଆରି ହୁଏ । ପିଠା ତିଆରି ଚାଲିବା ଭିତରେ ପୁରୁଷ ଲୋକମାନେ ଓ ଛୋଟ ପିଲାମାନେ ଗାଧୋଇ ପାଧୋଇ ନୂଆ ପୋଷାକ ପିନ୍ଧି ପ୍ରସ୍ତୁତ ହୁଅନ୍ତି । କିଛି ଲୋକ ଘରେ ପୂଜା କରନ୍ତି ଓ ତା'ପରେ ମନ୍ଦିରକୁ ଯାଆନ୍ତି । ପୂଜା ପରେ ସମସ୍ତେ ଖାଆନ୍ତି । ତା'ପରେ ବାପା, ମା' ଆଉ ବଡ଼ ଭାଇ, ନାନୀମାନେ ଘର ଘରକୁ ଯାଇ ହାଣ୍ଡିଆ ପିଅନ୍ତି ଓ ଖୁସୀରେ ଗୀତ ଗାଇ ନାଚନ୍ତି । ସେଦିନ ରାତିରେ ବହୁତ ଜାଗାରେ ଗୀତ, ନାଚ ହୁଏ ।

ମକର ସଂକ୍ରାନ୍ତି ପର୍ବ ତିନିଦିନ ପର୍ଯ୍ୟନ୍ତ ପାଳନ ହୁଏ । ପରିବାରର ଯିଏ ଯୁଆଡ଼େ ଥାଏ ସେ ଘରକୁ ଆସେ ଓ ସମସ୍ତଙ୍କ ସହ ଏକାଠି ହୋଇ ମଜା କରେ । ସାନ୍ତାଳ ଭାଷାରେ କହନ୍ତି –

"ଆମିନଆ ସାନ୍ତାଳ ସମାଜ ଆଡ଼ିଗେ ନିରଳଗେୟା
ସାକ୍ରାତ ପାରାପ୍‌ଗେ ହଲ୍‌କ ଲାଗିତ୍
ଆଗୁକା ଆଏ ରାସ୍‌କୋ ରମାଜ୍ ଗେ ।"

# ସୀତା ଓ ପ୍ରଜାପତି

ଚିତ୍ର : **ଗୌରୀମଣି ହେମ୍ବ୍ରମ୍**, ଲେଖା : **ମିନାକ୍ଷୀ ବାସ୍କେ**, ତପୋବନ ଉଚ୍ଚବିଦ୍ୟାଳୟ



ସୀତାର ଘର ଶିବପୁର ଗାଁରେ। ସେ ସେଠାରେ ତା'ର ପରିବାର ସହିତ ରହେ। ସ୍କୁଲକୁ ଗଲାବେଳେ ରାସ୍ତାରେ ଥିବା ଗଛସବୁକୁ ଦେଖି ଦେଖି ଯାଏ। ବିଭିନ୍ନ ରଂଗର ଫୁଲସବୁ ଦେଖିଲେ ସୀତାକୁ ବହୁତ ଖୁସୀ ଲାଗେ। ଫୁଲରୁ ଫୁଲକୁ ଉଡ଼ି ବୁଲୁଥିବା ପ୍ରଜାପତିମାନଙ୍କୁ ଦେଖିଲେ ସେ ସବୁ କଥା ଭୁଲିଯାଏ। ତାକୁ ଲାଗେ ସେ ନିଜେ ଯେମିତି ଛୋଟ ପ୍ରଜାପତିଟିଏ। ଖୁସୀରେ ସେ ଡେଇଁ ଡେଇଁ ରାସ୍ତାରେ ଚାଲେ। ପ୍ରଜାପତିର ସୁନ୍ଦର ଡେଣାକୁ ସେ ଅନେଇଥାଏ। ହଠାତ୍ ଦିନେ ସ୍କୁଲ ଯିବା ରାସ୍ତାରେ ସୀତା ଦେଖିଲା ସବୁଗଛ କଟା ହୋଇଯାଇଛି। ଗଛ ନାହିଁ, ଫୁଲ ନାହିଁ, ପ୍ରଜାପତି ବି ନାହିଁ। ସୀତାର ମନ ବହୁତ ଦୁଃଖ ହେଲା। ସେଦିନ ତାର ପାଠ ପଢ଼ାରେ ଜମା ମନ ଲାଗିଲା ନାହିଁ। ସାଙ୍ଗମାନଙ୍କ ସାଙ୍ଗରେ ଖେଳିବାକୁ ବି ଇଛା ହେଲାନାହିଁ। ଏମିତିକି ତାକୁ ଖାଇବା ପାଇଁ ବି ଭଲ ଲାଗିଲା ନାହିଁ।

ଘରେ ଆସି ମୁହଁ ଶୁଖେଇ ବସିଲା। ମା' ଯେତେବେଳେ ପଚାରିଲେ କ'ଣ ହେଲା ବୋଲି ସୀତା କାନ୍ଦ କାନ୍ଦ ହୋଇ କହିଲା ଯେ ତା ମନ ସେଇ ପ୍ରଜାପତିକୁ ଖୋଜୁଛି। ମା' କହିଲେ, "ଏଇ କଥା! ତୁ ଚାହିଁଲେ ତୋର ପ୍ରିୟ ପ୍ରଜାପତିମାନେ ତୋ ପାଖକୁ ଫେରି ଆସିବେ।" ସୀତା ଆଶ୍ଚର୍ଯ୍ୟରେ ମା'ଙ୍କର ମୁହଁକୁ ଚାହିଁଲା। ମା' ତାକୁ କହିଲେ, "କାଲି ରବିବାର, ତୁ ଆଉ ମୁଁ ମିଶି ଗୋଟିଏ ଫୁଲ ବଗିଚା ତିଆରି କରିବା। ଖତ ଓ ପାଣି ଦେଇ ଗଛମାନଙ୍କର ଯତ୍ନ ନେବା। କିଛି ଦିନ ପରେ ଯେତେବେଳେ ଗଛରେ ଫୁଲ ଫୁଟିବ, ତୋର ସେଇ ପ୍ରଜାପତିମାନେ ପୁଣି ତୋ ପାଖକୁ ଫେରିଆସିବେ।"

ତା'ପରଦିନ ମା', ଝିଅ ବଗିଚା ତିଆରିରେ ଲାଗିଗଲେ। ସୀତା ମା'ଙ୍କଠାରୁ ଶିଖି ଫୁଲ ଗଛ ଗୁଡ଼ିକର ଭଲ ଯତ୍ନ ନେଲା। କିଛି ଦିନପରେ ସୀତାର ବଗିଚା ଫୁଲରେ ଭର୍ତ୍ତି ହୋଇଗଲା। ଦିନେ ସ୍କୁଲଯିବାକୁ ବାହାରିଲା ବେଳେ ସୀତା ଦେଖିଲା ସୁନ୍ଦର ପ୍ରଜାପତିଟିଏ ତା' ବଗିଚାର ଫୁଲମାନଙ୍କ ସାଙ୍ଗରେ ଖେଳୁଛି। ସୀତା ଭାବିଲା, "ଇଏ କ'ଣ ମୋର ସେଇ ପୁରୁଣା ପ୍ରଜାପତି !'' ତା' ମନ ଖୁସୀ ହୋଇଗଲା। ସୀତା ସବୁବେଳେ ଫୁଲ ବଗିଚାର ଯତ୍ନନିଏ, ଯେମିତି ତାର ପ୍ରିୟ ପ୍ରଜାପତିମାନେ ସବୁବେଳେ ତା' ପାଖରେ ରହିବେ।



# ମୋ ପରିବାର ପାଇଁ ମୋର ସ୍ୱପ୍ନ

ଚିତ୍ର : **ରଶ୍ମିତା ସିଂ**, ଲେଖା : **ନିନି ପ୍ରଧାନ**, ପାଇକ ତିଗିରିଆ ଆଶ୍ରମ ସ୍କୁଲ

ମୋ ପରିବାର ପାଇଁ ମୋର ବହୁତ ସ୍ୱପ୍ନ ଅଛି । ସେ ସବୁ ସ୍ୱପ୍ନକୁ ମୁଁ ଦିନେ ନିଶ୍ଚୟ ସତ କରିବି । ମୁଁ ଭଲ ପାଠ ପଢ଼ି ଜଣେ ନର୍ସ ହେବି । ମୋ ବାପା, ମା'ଙ୍କ ଆଶା ପୂରଣ କରିବି । ଡାକ୍ତରଖାନାରେ ରୋଗୀସେବା କରିବା ପରେ ଘରକୁ ଯାଇ ମା'ଙ୍କୁ କାମରେ ସାହାଯ୍ୟ କରିବି । ମୋ ସାନ ଭାଇ ଭଉଣୀମାନଙ୍କୁ ପାଠ ପଢ଼ାଇ ଦେବି ।

ପର୍ବପର୍ବାଣୀରେ ଆମର ପଡ଼ୋଶୀମାନେ ଯେମିତି ନିଜଘରେ ଖୁସୀରେ ଭାତ, ମାଂସ ଖାଆନ୍ତି, ମୁଁ ଚାହେଁ ଯେ ଆମ ଘରେ ବି ସେମିତି ଆମେ ଭାତ, ମାଂସ ଖାଇବୁ । ଆମ ସାହିର ଅନ୍ୟମାନେ ଯେମିତି ଭଲ ଦିନରେ ସୁନ୍ଦର ନୂଆ ପୋଷାକ ପିନ୍ଧନ୍ତି, ମୁଁ ଚାହେଁ ଆମ ଘରେ ବି ସମସ୍ତେ ସେମିତି ଭଲ ପୋଷାକ ପିନ୍ଧନ୍ତୁ । ମୋ ଚାକିରୀ ପଇସାରେ ମୁଁ ଆମ ଘରର ସମସ୍ତଙ୍କ ପାଇଁ ନୂଆ ପୋଷାକ କିଣିବାକୁ ଚାହେଁ । ମୁଁ ଚାହେଁ ଯେ ମୋ ପରିବାର କେବେ ବି ଦୁଃଖରେ ନ ରୁହନ୍ତୁ । ଆମେ ସମସ୍ତେ ମିଶି ପାର୍କକୁ ବୁଲିଯିବାକୁ ମୋର ବହୁତ ଇଚ୍ଛା । ବଡ଼ହେଲେ ମୁଁ ନିଶ୍ଚୟ ସେ ଆଶା ପୂରଣ କରିବି ।

ମୁଁ ଜଣେ ଭଲ ନର୍ସ ହେବାର ସ୍ୱପ୍ନ ଦେଖୁଛି । ଡାକ୍ତରମାନେ ଯାହା କହିବେ ସେ କଥା ମାନି ମୁଁ ରୋଗୀମାନଙ୍କର ସେବା କରିବି । ମୁଁ ଦରିଦ୍ର ଲୋକମାନଙ୍କୁ ସାହାଯ୍ୟ କରିବି । ଭଗବାନଙ୍କୁ ଡାକିବି ଯେ ସମସ୍ତେ ଭଲରେ ରୁହନ୍ତୁ । ମୋ ପରିବାର ଆଉ ଅନ୍ୟମାନେ ମଧ୍ୟ ।




**କୃତଜ୍ଞତା ଜଣାଉଛୁ...**

- ଶିଆଳିଆ, ପାଇକ ତିଗିରିଆ, ଦଲୁଆ, ଭଗବତୀପୁର ଶିରିପୁର ଆଶ୍ରମ ବିଦ୍ୟାଳୟ ଓ ତପୋବନ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ,ଶିକ୍ଷୟିତ୍ରୀ ଓ କର୍ତ୍ତୃପକ୍ଷଗଣ।
- ଆଦରଣୀୟା ମମତା ଦିଦି, ଇତିଶ୍ରୀ ଦିଦି, ପୁଷ୍ପା ଦିଦି, ଲିପିକା ଦିଦି, ଅନୁସୂୟା ଦିଦି ଓ ମୋନାଲିସା ଦିଦି
- ଆଦରଣୀୟା ଡାକ୍ତର ମମତା ପ୍ରଧାନ
- ଆଦରଣୀୟା ଶ୍ରୀମତୀ ସବିତା ପଟ୍ଟନାୟକ
- ସମ୍ମାନନୀୟ ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ମନୋଜ ନାୟକ
- Institute for Social Development (ISD), www.isdbbsr.org
- Global Alliance Against Traffic in Women (GAATW), www.gaatw.org
- Secours Catholique Caritas France (SCCF), secours-catholique.org



ଗୁଲେଚି କାର୍ଯ୍ୟକ୍ରମର ପ୍ରଥମ ଉପହାର